# ୧୪ ଫୁଟର ଅହିରାଜ ଉଦ୍ଧାର

ଅନୁଗୋଳ ଅଫିସ, ୨୫।୪

ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡ ଅନ୍ତର୍ଗତ ପୁରୁଣାକୋଟ ଗ୍ରାମରୁ ଏକ ୧୪ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି। ସୋମବାର ରାତି ୮ଟା ୩୦ରେ ପୁରୁଣାକୋଟ ଗ୍ରାମର ମଳୟ କୁମାର ବିଶୋଇଙ୍କ ଘରେ ଅହିରାଜ ପଶିଥିବା ଦେଖି ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ତୁରନ୍ତ ସେମାନେ ବନ କର୍ମଚାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଖବରପାଇ ବନପାଳ ଚୈତନ୍ୟ ପ୍ରଧାନ ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଯୋଗାଯୋଗ କରିବା ପରେ ଆଦିତ୍ୟ, ତାଙ୍କ ସହଯୋଗୀ ପିଣ୍ଟୁ ବେହେରା, ଶିବାନୀ ଦେହୁରୀ, ଅଭୟ ସେଠୀ, ବିଜୁ ଭୋଇ ପ୍ରମୁଖ ପହଞ୍ଚି ସଫଳତାର ସହ ଅହିରାଜକୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଅହିରାଜ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜାଣି ବନପାଳ ପ୍ରଧାନ ଏବଂ ବନ କର୍ମଚାରୀ ଲକ୍ଷ୍ମଣ ମିର୍ଦ୍ଧାଙ୍କ ଉପସ୍ଥିତିରେ ଜଙ୍ଗଲରେ ଛାଡି ଦିଆଯାଇଥିଲା।



# ଆତଙ୍କ ଖେଳାଇଲେଣି ହାତୀ


ହାତୀ ଆକ୍ରମଣରେ ଗୁରୁତର ମହିଳା।

■ ଅନୁଗୋଳ ବନଖଣ୍ଡରେ ଘନ ଘନ ଆକ୍ରମଣ
■ ସୋମବାର ୨ ମହିଳାଙ୍କ ଜୀବନ ଯାଇଥିଲା
■ ମଙ୍ଗଳବାର ଜଣେ ମହିଳାଙ୍କୁ ଶୁଣ୍ଢରେ ଟେକି କଚାଡ଼ିଦେଲେ

ଅନୁଗୋଳ ଅଫିସ, ୨୫।୪

ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜରେ ଆତଙ୍କ ଖେଳାଇଲେଣି ହାତୀ। ସୋମବାର ବଡ଼କନ୍ତୁଲ ଗ୍ରାମ ଆମ୍ବତୋଟାରେ ହାତୀ ୨ ମହିଳାଙ୍କ ଜୀବନ ନେଇଥିବା ବେଳେ ମଙ୍ଗଳବାର ତଳଗଡ଼ ପଞ୍ଚାୟତ ପୋଡାସାହିର ମହିଳା ନନ୍ଦିନୀ ଖାଙ୍କର(୩୮) ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ନନ୍ଦିନୀଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ସକାଳ ୬ଟା ୪୫ରେ ନନ୍ଦିନୀ ଗାଁ ନିକଟ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସେ କେନ୍ଦୁପତ୍ର ତୋଳୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଜଙ୍ଗଲରେ କେନ୍ଦୁପତ୍ର ତୋଳୁଥିବା ଅନ୍ୟ ଲୋକମାନେ ପାଟି କରିବାରୁ ହାତୀଟି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ତୁରନ୍ତ ସ୍ଥାନୀୟ ଲୋକମାନେ ମହିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ବନ୍ତଳା ରେଞ୍ଜର ନୀଳାଦ୍ରିନାଥ ସାହୁ ଓ ଅନ୍ୟ କର୍ମଚାରୀ ମେଡକାଲରେ ପହଞ୍ଚି ନନ୍ଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କୁ କଟକ ପଠାଇବା ବ୍ୟବସ୍ଥା କରିଥିଲେ। ପରେ ବନ ବିଭାଗ ପକ୍ଷରୁ ଆକ୍ରମଣକାରୀ ହାତୀକୁ ବାରଗୌଣିଆର ଭୁବନପୁର ଠାରେ ଠାବ କରାଯାଇଥିଲା। ଏ ସମ୍ପର୍କରେ ରେଞ୍ଜର ସାହୁ କହିଛନ୍ତି, ସେଠାରେ ୪ଟି ହାତୀ ରହିଥିବାରୁ ଲୋକଙ୍କୁ କେନ୍ଦୁପତ୍ର ତୋଳିବା ପାଇଁ ଯିବାକୁ ମନା କରାଯାଇଥିଲା। କିନ୍ତୁ ଲୋକମାନେ ଅବୁଝା ହୋଇ ଜଙ୍ଗଲ ଭିତରକୁ ଯାଉଥିବାରୁ ଏପରି ଅଘଟଣ ଘଟୁଛି। ଗୁରୁତର ମହିଳାଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ।

# କାଙ୍ଗୁଲାଇରେ ୨୨ ହାତୀଙ୍କ ଗର୍ଜନ

ଅନୁଗୋଳ ଅଫିସ, ୨୫।୪


କାଙ୍ଗୁଲାଇ ରାସ୍ତାରେ ଚଳପ୍ରଚଳ କରୁଥିବା ହାତୀ।

ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ କାଙ୍ଗୁଲାଇ ନିକଟରେ ୨୨ ଟିକିଆ ହାତୀ ପଲଙ୍କୁ ଠାବ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ବନ ବିଭାଗର ଟିମ୍ ପାଟ୍ରୋଲିଂ କରିବା ସମୟରେ ଏହି ହାତୀ ପଲଙ୍କୁ ଦେଖିବାକୁ ପାଇଥିଲା। ଉକ୍ତ ହାତୀପଲ ଗାଁ ନିକଟ ରାସ୍ତାରେ ଚଳ ପ୍ରଚଳ କରିବା ସହ ଗର୍ଜନ କରୁଥିବାରୁ ଅଞ୍ଚଳବାସୀ ଛାନିଆ ହୋଇପଡ଼ିଛନ୍ତି। ରାସ୍ତାରେ ହାତୀ ଚଳ ପ୍ରଚଳ କରୁଥିବା ସମ୍ପର୍କରେ ବନ ବିଭାଗ ପକ୍ଷରୁ ଲୋକଙ୍କୁ ଅବଗତ କରାଯାଇଛି। ବନ କର୍ମଚାରୀମାନେ ମଧ୍ୟ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଉକ୍ତ ପଲ ଜଙ୍ଗଲମୁହାଁ ନ ହେବା ପର୍ଯ୍ୟନ୍ତ କଞ୍ଚା, ହମାମୀରା ଓ ଆଖପାଖ ଅଞ୍ଚଳର ଲୋକମାନେ ସତର୍କ ରହିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣା ସମ୍ପର୍କରେ ବନ୍ତଳା ରେଞ୍ଜର ନୀଳାଦ୍ରିନାଥ ସାହୁ କହିଛନ୍ତି, ହାତୀ ପଲ ଜଙ୍ଗଲରୁ ବାହାରି ଗାଁ ରାସ୍ତାରେ ଚଳ ପ୍ରଚଳ କରୁଛନ୍ତି। ତେଣୁ ଲୋକମାନେ ସଚେତନ ରହିବା ସହ ସୂର୍ଯ୍ୟାଲୋକ ନ ପଡ଼ିବା ପର୍ଯ୍ୟନ୍ତ ଜଙ୍ଗଲକୁ ଯାଆନ୍ତୁ ନାହିଁ। ଉକ୍ତ ପଲରେ ୫ଟି ଅଣ୍ଡିରା ଓ ୧୨ଟି ମାଈ ହାତୀ ସହ ୫ଟି ଛୁଆ ହାତୀ ରହିଥିବା ରେଞ୍ଜର ପ୍ରକାଶ କରିଛନ୍ତି।

# ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ


ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

ଅନୁଗୋଳ ଅଫିସ, ୨୫।୪

ଅନୁଗୋଳ ସହର ହେମଶୁରପଡାରେ ଦୀର୍ଘବର୍ଷ ହେବ ନିର୍ମାଣ କରାଯାଇଥିବା ଶନି ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ମଙ୍ଗଳବାର ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବାହ୍ନ ୯ ଘଟିକା ସମୟରେ ଶ୍ରଦ୍ଧାଳୁମାନେ କଳସରେ ଜଳ ଭରି ପୂଜାର୍ଚ୍ଚନା ସହ ନଗର ପରିକ୍ରମା କରି ମନ୍ଦିର ନିକଟକୁ ଆସି କଳସ ସ୍ଥାପନ କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବ ୫ ଦିନ ଧରି ଚାଲିବ। ବୁଧବାର ମହାସ୍ନାନ, ଯଜ୍ଞ ଆରମ୍ଭ ହେବାକୁ ଥିବାବେଳେ ଗୁରୁବାର ମନ୍ଦିର ପ୍ରତିଷ୍ଠା ଓ ଶନି ବିଗ୍ରହଙ୍କ ଜୀବନ୍ୟାସ, ଶୁକ୍ରବାର ଗୀତା ଯଜ୍ଞ ଅନୁଷ୍ଠିତ ହେବ। ଶନିବାର ଶନିଶ୍ଚରଙ୍କ ମହାଯଜ୍ଞ ଓ ନୂତନ ମନ୍ଦିରରେ ପୂଜାର୍ଚ୍ଚନା କାର୍ଯ୍ୟ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଓବିସିଙ୍କୁ ଅବହେଳା କରୁଛନ୍ତି ରାଜ୍ୟ ସରକାର

ଅନୁଗୋଳ ଅଫିସ, ୨୫।୪

**ଭାଜପା ଓବିସି ମୋର୍ଚ୍ଚାର ଜନଜାଗରଣ ଯାତ୍ରା**

ରାଜ୍ୟ ଭାଜପା ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ମଙ୍ଗଳବାର ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀର ବନ୍ତଳା ଛକ ଠାରେ ଓବିସି ମୋର୍ଚ୍ଚାର ଏକ ବିଶାଳ ଜନଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା ନେତା ସରୋଜ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୋର୍ଚ୍ଚା ସମ୍ପାଦକ ପ୍ରଧାନ ଉଦ୍‌ବୋଧନ ଦେଇ ଓଡ଼ିଶା ସରକାର ଓବିସି ବର୍ଗଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ଏଥିସହ ୫୨ ପ୍ରତିଶତ ଓବିସି ବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ବର୍ଣ୍ଣନା କରିଥିଲେ। ଆଗାମୀ ଦିନରେ ଓବିସି ଜନସାଧାରଣ ଏହାର ଦୃଢ ଜବାବ ଦେବେ ବୋଲି ପ୍ରଧାନ ଚେତାଇ ଦେଇଥିଲେ। ଏହି ଜନଜାଗରଣ ଯାତ୍ରାରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶାଳ,ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଜିଲା ସଭାପତି ଦିଲେଶର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥି ପ୍ରଧାନ, ଓବିସି ମୋର୍ଚ୍ଚା ଜିଲା ସଭାପତି ସରୋଜ ଜେନା, ବିଭୂତି ସାହ, ଦିଲୀପ ପ୍ରଧାନ, ଭାଜପା ଜିଲା ସମ୍ପାଦକ ପ୍ରଭାତ ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶେଷଦେବ ସାହୁ ଓ ବନ୍ତଳା ମଣ୍ଡଳ ସଭାପତି ଅମୂଲ୍ୟ ପ୍ରଧାନ, ମଣ୍ଡଳ ସରପଞ୍ଚ, ସମିତି ସଭ୍ୟ ଓ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ଭାଜପା ଓବିସି ମୋର୍ଚ୍ଚାର ଜନଜାଗରଣ ଯାତ୍ରାରେ ସାମିଲ କର୍ମକର୍ତ୍ତାମାନେ।

# ୨୦୨୭ ସୁଦ୍ଧା ମ୍ୟାଲେରିଆର ମୂଳୋତ୍ପାଟନ | ଷଷ୍ଠ ସ୍ଥାନରେ ଅନୁଗୋଳ ଜିଲା



ମ୍ୟାଲେରିଆ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତରମାନେ।

ଅନୁଗୋଳ ଅଫିସ, ୨୫।୪

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ମିଶନ ନିର୍ଦ୍ଦେଶକ ଡା. ତ୍ରିଲୋଚନ ପ୍ରଧାନ ଏହି ବୈଠକରେ ଅଧ୍ୟକ୍ଷତା କରି ମ୍ୟାଲେରିଆରୁ ସୁରକ୍ଷିତ ରହିବାର ଉପାୟ ଓ ଏହାର ଲକ୍ଷଣ, ଚିକିତ୍ସା ଏବଂ ପ୍ରତିକାର ଉପରେ ଆଲୋଚନା କରିଥିଲେ। ଭାରତୀୟ ଭେଷଜ ପରିଷଦ ଓଡ଼ିଶା ଶାଖା ସଭାପତି ଡା. ପ୍ରଭାତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଲେରିଆର ପ୍ରତିରୋଧ ନିମନ୍ତେ ସମର୍ପିତ ଭାବେ ସମସ୍ତେ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା ଅନୁଗୋଳ ଜିଲା ମ୍ୟାଲେରିଆ ନିୟନ୍ତ୍ରଣ କରିବାର ଷଷ୍ଠ ସ୍ଥାନରେ ଅଛି ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମ୍ୟାଲେରିଆ ମୂଳୋତ୍ପାଟନ କରିବା ପାଇଁ ୨୦୨୭କୁ ଲକ୍ଷ୍ୟ ରଖି କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲେ। ତୃଣମୂଳସ୍ତରରୁ ଆଶା କର୍ମୀମାନେ ସଚେତନତା ସୃଷ୍ଟି କରିବା ସହିତ ଔଷଧ ପ୍ରଦାନ କରୁଛନ୍ତି। ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଜାରି ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଦିଲୀପ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱବିହାରୀ ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଡା. ବିଶ୍ୱଜିତ ସାମଲ, ଡା. ଦେବକାନ୍ତ ନାୟକ, ଡା. ବିନୋଦ କୁମାର ସାହୁ, ଦୀପକ କୁମାର ମହାନ୍ତି ଉପସ୍ଥିତ ଥିଲେ। ଭିବିଡି କନସଲଟାଣ୍ଟ ନିରୁପମା ଦାସ ସଂଯୋଜନା କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଇବୋହୂଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା, ୨୫।୪ (ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମର ଦମୟନ୍ତୀ ସାହୁଙ୍କୁ ତାଙ୍କ ଦେଢ଼ଶୁର ଧୁରଚରଣ ସାହୁ ସୋମବାର ଟାଙ୍ଗିଆରେ ଆକ୍ରମଣ କରିଥିବା ଦମୟନ୍ତୀଙ୍କ ଭାଇ ବାବୁଲି ସାହୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୦୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ପରିବାରରେ ପୂର୍ବରୁ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ସୋମବାର ଦମୟନ୍ତୀ ବାଡ଼ିରେ ପାଣି ମଡାଉଥିବା ବେଳେ ଧୁର୍‌ଚରଣଙ୍କ ସ୍ତ୍ରୀ ଦଇ ସାହୁଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ଧୁରଚରଣ ଉତ୍କ୍ଷିପ୍ତ ହୋଇ ଘରେ ଥିବା ଟାଙ୍ଗିଆ ଆଣି ଦମୟନ୍ତୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ଦମୟନ୍ତୀଙ୍କୁ ହଣ୍ଡପା ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ଧୁର୍‌ଚରଣ ଫେରାର ରହିଛନ୍ତି।

# ସମସ୍ୟା ସମ୍ପର୍କରେ ଆଲୋଚନା

ବଇଣ୍ଡା, ୨୫।୪ (ଡି.ଏନ.ଏ.)

କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତର ବୁଢିଆବାହାଳ ନିକଟରେ ମଙ୍ଗଳବାର ଆମ ଆଦ୍‌ମୀ ପାର୍ଟିର ଏକ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଆମ ଆଦ୍‌ମୀ ପାର୍ଟି ସଭାପତି କିଶୋର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଉପସଭାପତି ପ୍ରସାଦି ବେହେରା, ବ୍ଲକ ସଭାପତି ଦୀନବନ୍ଧୁ ସାହୁ, ବୁଲୁ ସାହୁ, ପଦ୍ମନ ମାଝି, ରମାକାନ୍ତ ସାହୁ, ଶରତ ଚନ୍ଦ୍ର ବେହେରା, ପଦ୍ମଲୋଚନ ସାହୁ, ବଂଶୀଧର ପ୍ରଧାନ, ସୁଦର୍ଶନ ସାହୁ, ଧ୍ରୁବ ସାହୁ, ସତ୍ୟାନନ୍ଦ ନାୟକ, ରାଜେନ୍ଦ୍ର ବିଶାଳଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ଏଥିରେ ପାର୍ଟିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ଆଗାମୀ ନିର୍ବାଚନରେ ଦଳ କିଭଳି ସଫଳତା ଲାଭ କରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।


ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତାମାନେ।

# ସୁଦୃଢ଼ ହେବ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା

ଅନୁଗୋଳ ଅଫିସ, ୨୫।୪

**ଜେଏସ୍‌ପି ଫାଉଣ୍ଡେଶନର ସହଯୋଗକୁ ପ୍ରଶଂସା**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଅନୁଗୋଳ ଜିଲାର ବନରପାଳ ଓ ଛେଣ୍ଡିପଦା ବ୍ଲକର ୫୦ଟି ଭିଏଚ୍‌ଏନ୍‌ଡି / ମମତା ଦିବସ କେନ୍ଦ୍ରକୁ ଫଲ୍ଡେବୁଲ କାଉଚ ସହ ବିଭାଜନ ପରଦା ପ୍ରଦାନ କରାଯାଇଛି। ଏହି ସାମଗ୍ରୀ ଦ୍ୱାରା ମା' ମାନଙ୍କ ପ୍ରସବ ପୂର୍ବ ଏବଂ ପ୍ରସବୋତ୍ତର ଯାଞ୍ଚ, ୦ ରୁ ୫ ବର୍ଷ ବୟସ ଶିଶୁଙ୍କ ମୌଳିକ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ କିଶୋରୀ ବାଳିକାଙ୍କୁ ନିୟମିତ କାଉନସେଲିଂ ଆଦି କରାଯାଇପାରିବ। ଏହାକୁ ଏକ ଆବଶ୍ୟକତା ଭାବେ ଅନୁଭବ କରିବା ପରେ ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଉକ୍ତ ସାମଗ୍ରୀ ପ୍ରଦାନ କରାଯାଇଛି। ଜିଲାରେ ଶିଶୁ ମୃତ୍ୟୁ ହାର ଏବଂ ମାତୃ ମୃତ୍ୟୁ ହାର ହ୍ରାସ କରିବା ନିମନ୍ତେ ଜିଲା ପ୍ରଶାସନର ଏକ ଦାୟିତ୍ୱସମ୍ପନ୍ନ ସହଯୋଗୀ ଭାବେ ଜେଏସ୍‌ପି ଫାଉଣ୍ଡେସନ ମିଳିତ ଭାବେ କାର୍ଯ୍ୟ କରୁଛି।

ଏହି ସାମଗ୍ରୀଗୁଡିକୁ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଙ୍ଗନୱାଡି କର୍ମୀମାନଙ୍କୁ ପ୍ରଦାନ କରିଥିଲେ। ଏଥିସହ ଟୁଇଟ୍ ମାଧ୍ୟମରେ ଜେଏସ୍‌ପି ଫାଉଣ୍ଡେଶନକୁ ଧନ୍ୟବାଦ ଦେଇଥିଲେ। ଜେଏସ୍‌ପି ଫାଉଣ୍ଡେଶନର ଏହି ସହଯୋଗ ଅଙ୍ଗନୱାଡି କେନ୍ଦ୍ରରେ ଗୁଣାତ୍ମକ ମୂଲ୍ୟ ଯୋଡିବ ବୋଲି ଜିଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ କର୍ଣ୍ଣ ମୁର୍ମୁ, ଡିପିଏମ୍ ଦୀପକ କୁମାର ମହାନ୍ତି ଏବଂ ଜେଏସ୍‌ପି ଜିଏମ୍ ସିଏସ୍‌ଆର୍ ପୁଷ୍ପଲତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜେଏସ୍‌ପି ଫାଉଣ୍ଡେଶନ ଏହାର ବାତ୍ସଲ୍ୟ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ସହ ଛତିଶଗଡ ଏବଂ ଝାଡ଼ଖଣ୍ଡରେ ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ କରିବା ନିମନ୍ତେ ଗର୍ଭଧାରଣର ପଞ୍ଜୀକରଣ, ପ୍ରସବ ପୂର୍ବ ଏବଂ ପ୍ରସବୋତ୍ତର ଯତ୍ନ, ଟିକାକରଣ, ସଂସ୍ଥାଗତ ପ୍ରସବ ଏବଂ ପୋଷଣ ନିମନ୍ତେ ମିଳିତ ଭାବେ କାର୍ଯ୍ୟ କରୁଛି।



ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଜେଏସ୍‌ପି ଫାଉଣ୍ଡେଶନ ଅଧିକାରୀ ଓ ଅଙ୍ଗନୱାଡି କର୍ମୀମାନେ।

# ସରକାରଙ୍କ ନିଷ୍ପତ୍ତି ଅପେକ୍ଷାରେ ୭ ମୌଜାବାସୀ

■ ଜିଲାପାଳଙ୍କ ସହ କଲେ ଆଲୋଚନା, ଦେଲେ ଦାବିପତ୍ର
■ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିବ ଧାରଣା

ଛେଣ୍ଡିପଦା,୨୫।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ 'ଆମ ହସ୍ପିଟାଲ' ଯୋଜନାରେ ସାମିଲ କରିବା ଦାବି ନେଇ ମଙ୍ଗଳବାର ୭ ମୌଜାବାସୀ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ସରକାର ଉକ୍ତ ଦାବିପତ୍ରର ଉତ୍ତର ଦେବା ପର୍ଯ୍ୟନ୍ତ ଅର୍ଥନୈତିକ ଆନ୍ଦୋଳନକୁ ସ୍ଥଗିତ ରଖାଯିବ। ହେଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପୂର୍ବପରି ଜାରି ରହିବ ବୋଲି ୭ ମୌଜାବାସୀଙ୍କ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରାଯିବା ଦାବିରେ ୬ ଦିନ ହେଲା ୭ ମୌଜାବାସୀଙ୍କ ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ମଙ୍ଗଳବାରଠାରୁ ଛେଣ୍ଡିପଦାରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ହେଲେ ସନ୍ଧ୍ୟାରେ ଅନୁଗୋଳ ଉପଜିଲାପାଳ ବୈତୁରା ଦୀପ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ ତ୍ରିପାକ୍ଷିକ ବୈଠକ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଅର୍ଥନୈତିକ ଅବରୋଧ ନ କରିବାକୁ ଅନୁରୋଧ କରିଥିଲେ। ତଦନୁଯାୟୀ ଗ୍ରାମବାସୀ ଅର୍ଥନୈତିକ ଅବରୋଧକୁ ସ୍ଥଗିତ ରଖିଥିଲେ। ମଙ୍ଗଳବାର ଆନ୍ଦୋଳନକାରୀଙ୍କ ମଧ୍ୟରୁ ପ୍ରାୟ ୨୦ ଜଣ କର୍ମକର୍ତ୍ତା ଜିଲପାଳଙ୍କ ପ୍ରକୋଷ୍ଠରେ ପହଞ୍ଚି ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀଙ୍କ ଦାବିକୁ ଜିଲାପାଳ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଜିଲାପାଳ ସରକାରଙ୍କୁ ପଠାଇଥିବା ଚିଠିର ଉତ୍ତର ପାଇଲା ପରେ ଗ୍ରାମବାସୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି କହିଛନ୍ତି। କିନ୍ତୁ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ଗ୍ରାମବାସୀ ପ୍ରକାଶ କରିଛନ୍ତି।


ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୭ ମୌଜାବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୬ ଏପ୍ରିଲ ୨୦୨୩



**ସଂକ୍ଷେପରେ**

## ଶିଳ୍ପିଶ୍ରୀ ପିସିସି ସମ୍ପାଦିକା



**ଢେଙ୍କାନାଳ ଅଫିସ, ୨୫ା୪:** ଢେଙ୍କାନାଳ ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶିଳ୍ପିଶ୍ରୀ ହରିଚନ୍ଦନଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦିକା ଭାବେ ସୋମବାର ନିଯୁକ୍ତି ଦିଆଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାଡ଼୍‌ଗେ, ଓଡ଼ିଶା ପ୍ରଭାରୀ ଚେଲ୍ଲା କୁମାରଙ୍କ ଅନୁମୋଦନକ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଛନ୍ତି। ପିସିସି ପକ୍ଷରୁ ପ୍ରଦତ୍ତ ନୂତନ ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରିବେ ବୋଲି ଶିଳ୍ପିଶ୍ରୀ ପ୍ରତିକ୍ରିୟାରେ କହିଛନ୍ତି। ଏଥିପାଇଁ ସେ ପିସିସି ସଭାପତି ଏବଂ କଟକ ଜିଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଜଳ ପାଲଟିଛି ଜହର

- ନୂଆପାଟଣା ତଅଁଳାସାହିରେ ବ୍ୟାପିଛି କିଡ୍‌ନୀ ରୋଗ
- ୪୦ ବର୍ଷ ପୁରୁଣା ନଳକୂପର ତେଲିଆ ପାଣି ସାଜିଛି କାଳ
- ୫ ବର୍ଷରେ ୮ଜଣଙ୍କ ମୃତ୍ୟୁ, ଏବେ ବି ଅନେକ ଆକ୍ରାନ୍ତ

**ରାସୋଳ, ୨୫ା୪(ଡି.ଏନ୍.ଏ.)**

ନଳକୂପ ପାଣି ଦେହକୁ ହିତ ବୋଲି କହୁଛନ୍ତି। ହେଲେ ଆମ ଗାଁର ନଳକୂପରୁ ବାହାରୁ ଥିବା ପାଣି ବିଷ ପାଲଟିଛି। ଏହାକୁ ପିଇ ଲୋକେ ପୋକମାଛି ଭଳି ମରୁଛନ୍ତି। ଗଲା ୫ ବର୍ଷରେ କିଡ୍‌ନୀ ରୋଗରେ ୮ଜଣଙ୍କ ଜୀବନ ଗଲାଣି। ୪ଜଣ ଆକ୍ରାନ୍ତ ହୋଇ ଶେଯରେ ପଡ଼ିଛନ୍ତି। ନେତା, ଅଧିକାରୀ ଆମ କଥା କେହି ଶୁଣୁନାହାନ୍ତି। ଆଗକୁ ଯଦି କିଛି ଅସୁବିଧା ହୁଏ, ତେବେ ଏଥିପାଇଁ ପ୍ରଶାସନ ଦାୟୀ ରହିବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ପାଣି ମୁନ୍ଦାଏ ପାଇଁ ତହଲବିକଳ ହେଉଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତ ନୂଆପାଟଣା ତଅଁଳାସାହିବାସୀ ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ହେଉଥିବାବେଳେ ପ୍ରଶାସନିକ ଅବହେଳା ବିରୋଧରେ ଏଭଳି ଚରମବାଣୀ ଶୁଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ସଦରରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ ତଅଁଳାସାହିରେ ମୋଟ୍ ୪୦ ପରିବାର ବାସ କରୁଥିବାବେଳେ ଲୋକସଂଖ୍ୟା ପ୍ରାୟ ୩୦୦। ସାହିରେ ଥିବା ୪୦ ବର୍ଷ ପୁରୁଣା ଏକମାତ୍ର ନଳକୂପ ଏତେସଂଖ୍ୟକ ଗ୍ରାମବାସୀଙ୍କ ଦୈନନ୍ଦିନ ଚାହିଦା ମେଣ୍ଟାଇବାକୁ ଅସମର୍ଥ। ଯେଉଁ ପାଣି ବାହାରୁଛି, ତାହା ହଳଦିଆ ରଙ୍ଗର। ଏହାକୁ କିଛି ସମୟ ରଖିଦେବା ପରେ ତେଲିଆ ଆସ୍ତରଣ ପଡ଼ିଯାଉଛି। ଗ୍ରାମକୁ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ମଧ୍ୟ ଦିନକୁ ମାତ୍ର ୧୦-୧୫ ମିନିଟ୍ ପାଣି ଆସୁଛି, ଯାହା ପର୍ଯ୍ୟାପ୍ତ ହେଉନାହିଁ। ଅନ୍ୟ ବିକଳ୍ପ ନ ଥିବାରୁ ସାହିବାସୀ ଦୂଷିତ ନଳକୂପ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଗତ ୫ବର୍ଷରେ ଅରୁଣ ବେହେରା, ପ୍ରମୋଦ ବେହେରା, ଦୁଲେଇ ବେହେରା, କାଳିଆ ବେହେରା, ହେମଲତା ଦାସ, ସୁଗୁରି ଦାସ, ବୁଲୁ ବେହେରା, ଭଗବାନ ବେହେରା ପ୍ରମୁଖ ୮ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ଭାସ୍କର ବେହେରା, ପବିତ୍ର ବେହେରା, କୃଷ୍ଣ ଦାସ, ନୀର ବେହେରା ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପଟେ ଚଳିତବର୍ଷ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାହିବାସୀଙ୍କ ସମସ୍ୟାକୁ ଆହୁରି ବଢ଼ାଇଦେଇଛି। ଜନସାଧାରଣଙ୍କୁ ବାଦ୍‌ଦେଲେ ଗୃହପାଳିତ ପ୍ରାଣୀ ମଧ୍ୟ ପାଣି ପାଇଁ ନାହିଁ ନ ଥିବା ହିନସ୍ତା ହେଉଥିବା ଗ୍ରାମର ଜୟନ୍ତ ବେହେରା ଅଭିଯୋଗ କରିଛନ୍ତି। ସେହିପରି ସଞ୍ଜୁ ବେହେରା କୁହନ୍ତି, ସରପଞ୍ଚ ଦିବାକର ନାୟକ ଗ୍ରାମର ପୁଅ। ତାଙ୍କୁ ଅସୁବିଧା କହିଲେ, ସେ ବିଭାଗକୁ ଲେଖି ଜଣାଇବାକୁ କହୁଛନ୍ତି। ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ପାଣି ଯୋଗାଣ ବ୍ୟବସ୍ଥା କରିବା ଜରୁରୀ। ସରପଞ୍ଚ ନାୟକ କୁହନ୍ତି, ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି।

ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ କୁହନ୍ତି, ଅଭିଯୋଗ ପାଇଛି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ତୁରନ୍ତ ସମାଧାନ କରାଯିବ।



ପାଣି ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ।

## ପୂର୍ବତନ ବିଧାୟକଙ୍କ ଘରୁ ଚୋରି



**ଢେଙ୍କାନାଳ ଅଫିସ,୨୫ା୪**

ଢେଙ୍କାନାଳ ପୌରାଞ୍ଚଳ ସିମିଳିଆରେ ରହୁଥିବା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ଝରକା ଭାଙ୍ଗି ଘରେ ପଶି ଏକ ମନିପର୍ସ ନେଇଯାଇଛନ୍ତି। ଏଥିରେ ୨୦,୦୦୦ ଟଙ୍କା ଥିଲା। ମଙ୍ଗଳବାର ସକାଳେ ଏହା ଜଣାପଡ଼ିବା ପରେ କୃଷ୍ଣଚନ୍ଦ୍ରଙ୍କ ବଡ଼ଭାଇ ତଥା ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୨୭୪/୨୩ରେ ଏକ ମାମଲା ରୁଜୁ କରାଯାଇଛି। ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ଅଭିଯୁକ୍ତ ଧରାପଡ଼ି ନ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ପାହାଡ଼ ଚଢ଼ିଲେ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୨୫ା୪**

ଢେଙ୍କାନାଳ ଗୁରୁଦେବଜୀ ଫାଉଣ୍ଡେଶନର କ୍ରୀଡ଼ା ଶାଖା ଗୁରୁଦେବଜୀ ଗୁରୁକୁଳ ଏକାଡେମୀ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପର୍ବତାରୋହଣ କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। ଏକାଡେମୀ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ୪୫ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସ୍ଥାନୀୟ ଦଣ୍ଡାସାହି ନିକଟ କୁରୁଣିଆ ପାହାଡ଼ ଚଢ଼ିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ମାଷ୍ଟର ଇଂ. ସୌମ୍ୟବ୍ରତ ସାହୁ ପର୍ବତାରୋହଣ ବିଭିନ୍ନ କୌଶଳ ବିଷୟରେ ତାଲିମ ଦେଇଥିଲେ। ପର୍ବତାରୋହଣ ଦ୍ୱାରା ପ୍ରଶିକ୍ଷାର୍ଥୀଙ୍କ ଶାରୀରିକ ଓ ମାନସିକ ଆତ୍ମବଳ ବୃଦ୍ଧି ପାଏ। ଆଗାମୀ ଦିନରେ ଜିଲାରେ ଥିବା ସମସ୍ତ ପାହାଡ଼ରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଅଧ୍ୟକ୍ଷ ସାହୁ ସୂଚନା ଦେଇଛନ୍ତି।

ଅନୁଷ୍ଠାନର ସହ-ପ୍ରଶିକ୍ଷକ ଇନ୍ଦ୍ରଜିତ୍ ସାହୁ, ପ୍ରତାପ ନାୟକ, ସଦସ୍ୟା ଦେବଯାନୀ କର, ସଦସ୍ୟ ବିନୋଦ ବର୍ମା, ପ୍ରଦୀପ ବେହେରା, ଶ୍ରେୟାସ୍ ଶକ୍ତିସ୍ମିଥ, ସୌଭାଗ୍ୟ ବରାଳ ପ୍ରମୁଖ ସହଯୋଗ କରିଥିଲେ। ଆମେଚର ଟାଏକୋଣ୍ଡୋ ଆସୋସିଏଶନ, ଢେଙ୍କାନାଳ ରୋଲର ସ୍କେଟିଂ ଆସୋସିଏଶନର ପ୍ରଶିକ୍ଷାର୍ଥୀମାନେ ଏଥିରେ ସାମିଲ ହୋଇଥିଲେ।



ପର୍ବତାରୋହଣ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

## ୩ ଦଫା ଦାବିରେ ଏନ୍‌ଏଚ୍ ଅବରୋଧ

**ପରଜଙ୍ଗ, ୨୫ା୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୫୩ନଂ. ଜାତୀୟ ରାଜପଥର ଖଇରାମୁଣ୍ଡା ଟୋଲ୍‌ଗେଟଠାରେ ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇକାଟେଣି ଗ୍ରାମବାସୀ ୩ଦଫା ଦାବି ନେଇ ମଙ୍ଗଳବାର ରାସ୍ତା ଅବରୋଧ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏନ୍‌ଏଚ୍ ଅପରପାର୍ଶ୍ୱରେ ଗ୍ରାମବାସୀଙ୍କ ୧୦୦ ଏକର ଜମି ରହିଛି। ପୂର୍ବରୁ ଜମିକୁ ଶଗଡ଼ ଯିବା ପାଇଁ ଏକ ରାସ୍ତା ଥିଲା। ଜାତୀୟ ରାଜପଥ ହେବା ପରେ ତାହା ବନ୍ଦ ହୋଇଯାଇଛି। ତେଣୁ ଚାଷକାର୍ଯ୍ୟ ପ୍ରଭାବିତ ହେଉଛି। ସେହିପରି ଗେହ୍ଲେଇକାଟେଣି ଗ୍ରାମର ଜମିରେ ଟୋଲଗେଟ୍ ହୋଇଥିବାବେଳେ ବୋର୍ଡରେ ଖଇରାମୁଣ୍ଡା ଲେଖାଯାଇଛି। ଅନୁରୂପ ଭାବେ ଟୋଲଗେଟ୍ ପାଖରେ ତିଆରି ହୋଇଥିବା ପୋଲରେ ପ୍ରବାହିତ ବର୍ଷା ପାଣିରେ ଚାଷ କ୍ଷତିଗ୍ରସ୍ତ ହେଉଛି। ବାରମ୍ବାର ଦାବିସତ୍ତ୍ୱେ ଉକ୍ତ ଦାବି ପୂରଣ ହେଉ ନ ଥିବାରୁ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ। ଏମ୍‌ପି ମହେଶ ସାହୁ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇବା ସହ ଏନ୍‌ଏଚ୍‌ଏଆଇର ଅବହେଳାକୁ ଦାୟୀ କରିଥିଲେ। ସୂଚନା ପାଇ ତହସିଲଦାର ସିରିଆଲ ଶୁଭ୍ର ପଟେଲ, ଥାନାଧିକାରୀ ପ୍ରଶାନ୍ତ ପାତ୍ର ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ୧୫ଦିନ ମଧ୍ୟରେ ସମାଧାନର ପନ୍ଥା ବାହାର କରିବା ଲାଗି ଏନ୍‌ଏଚ୍‌ଏଆଇ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା।



ବୈଠକରେ ଜିଲାପାଳ, ଜିଲା କୃଷି ଅଧିକାରୀଙ୍କ ସମେତ ଅନ୍ୟମାନେ।

**ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଳିତ**

# ମିଲେଟ୍ ଚାଷରେ ଓଡ଼ିଶା ଅଗ୍ରଣୀ

**ଢେଙ୍କାନାଳ ଅଫିସ, ୨୫ା୪**

ମିଲେଟ୍ ଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି ଏବଂ ଏହାକୁ ଖାଦ୍ୟ ଭାବେ ବ୍ୟବହାର ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ପାଳନ କରାଯାଉଛି। ରାଜ୍ୟ ସରକାର ମଧ୍ୟ ମିଲେଟ୍ ମିଶନ ଆରମ୍ଭ କରିଛନ୍ତି। ଢେଙ୍କାନାଳ ଜିଲାରେ ଏହାର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ମଙ୍ଗଳବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ମିଲେଟ୍ ଚାଷ ଓ ବ୍ୟବହାରରେ ଓଡ଼ିଶା ସମଗ୍ର ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଜନପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରି ମିଲେଟ୍ ମିଶନକୁ ସଫଳ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଉଦ୍ୟମରେ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଜିଲା କୃଷି ଅଧିକାରୀ ଶରତ କୁମାର ତୋଷ ଜିଲାର ୫ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ମିଲେଟ୍ ଚାଷ ସମ୍ପର୍କରେ ଅବଗତ କରାଇଥିଲେ। ମିଲେଟ୍ ଜାତୀୟ ଶସ୍ୟର ପୌଷ୍ଟିକ ଗୁଣବତ୍ତା ଓ ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜିଲାର ସମସ୍ତ ବ୍ଲକରେ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ଏସ୍‌ଏଚ୍‌ଜି, ହୋଟେଲ, ଆଗ୍ରହୀ ମହିଳାଙ୍କ ଦ୍ୱାରା ମିଲେଟ୍ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା, ଖେଳକୁଦ, ମିଲେଟ୍ ଖାଦ୍ୟମେଳା ଅନୁଷ୍ଠିତ ହେବ। ଜନଗହଳିପୂର୍ଣ୍ଣ ସ୍ଥାନ, ପ୍ରମୁଖ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଚାର ହୋର୍ଡିଂ ଲଗାଯିବ। ସଚେତନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲୋପ ପାଇଲାଣି ମଠସଂସ୍କୃତି

**ଢେଙ୍କାନାଳ ଅଫିସ, ୨୫ା୪**

- ଉଦ୍‌ବେଗ ବ୍ୟକ୍ତ କଲା ଥିଙ୍କର୍ସ ଫୋରମ୍
- ଢେଙ୍କା ଶବରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ପ୍ରଶାସନିକ ଅବହେଳାରୁ ଐତିହ୍ୟସମ୍ପନ୍ନ ଢେଙ୍କାନାଳ ସହରରେ ପ୍ରାଚୀନ ମଠସଂସ୍କୃତି ଲୋପ ପାଇବାକୁ ବସିଛି। ଏହାର ସଂରକ୍ଷଣ କରିବା ପାଇଁ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଦାବି କରିଛି ଥିଙ୍କର୍ସ ଫୋରମ୍। ଏଥିସହ ଢେଙ୍କାନାଳ ଗଡ଼ଜାତ ରାଜ୍ୟର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତି ଢେଙ୍କା ଶବରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଫୋରମ୍ ପକ୍ଷରୁ ନିବେଦନ କରାଯାଇଛି।

ଢେଙ୍କାନାଳ ସହରର ପ୍ରାଚୀନ ମଠଗୁଡ଼ିକର ପରିଚାଳନା ଏଣ୍ଡାଓମେଣ୍ଟ ବୋର୍ଡ ଏବଂ ଦେବୋତ୍ତର ବିଭାଗ ଅଧୀନରେ ରହିଛି। ହେଲେ ଏଭଳି ଧର୍ମୀୟ ଅନୁଷ୍ଠାନ ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛି। ଐତିହ୍ୟ ସ୍ୱାକ୍ଷର ବହନ କରୁଥିବା ଯାଉଁଳିପୋଖରୀ ମଠ ଓ ଦଧିବାମନଜୀଉ ମଠର ସୌନ୍ଦର୍ଯ୍ୟକରଣ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ୧୬୯୦ରେ ପ୍ରତିଷ୍ଠିତ ଦଧିବାମନଜୀଉ ମଠରେ ବିଭିନ୍ନ ସାଂସ୍କୃତିକ, ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଠାରେ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା ରହିଥିବାବେଳେ ବାର୍ଷିକ ନିଲାମ ମାଧ୍ୟମରେ ରାଜସ୍ୱ ଆଦାୟ ହେଉଛି। ହେଲେ ମଠରେ ଆଲୋକ ବ୍ୟବସ୍ଥା ନାହିଁ। ଆନନ୍ଦବଜାର ନ ଥିବାରୁ ଠାକୁରଙ୍କ ମଣ୍ଡପ ନିକଟରେ ଅଇଁଠା ଶଙ୍ଖୁଡ଼ି ପଡୁଛି। ତେଣୁ ମଠ ପରିସରରେ ଆନନ୍ଦବଜାର ବ୍ୟବସ୍ଥା, ଆଲୋକୀକରଣ ସହ କୋଠାବାଡ଼ିର ଉପଯୁକ୍ତ ଯତ୍ନ ନେବା ପାଇଁ ଦାବି କରାଯାଇଛି। ଅନୁରୂପ ଭାବେ ବଳରାମ ମନ୍ଦିରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇଁ ଜେନେରେଟର ଏବଂ ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ମନ୍ଦିର ବାହାରେ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ନିବେଦନ କରାଯାଇଛି। ସେହିପରି ଢେଙ୍କା ଶବରଙ୍କ ନାମରେ ଢେଙ୍କାନାଳର ନାମକରଣ ହୋଇଥିବାରୁ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ପୂର୍ବରୁ ଘୋଷଣା କରାଯାଇଛି। ତେବେ ଅଦ୍ୟାବଧି ଏହି କାମ ଆରମ୍ଭ ହୋଇ ନ ଥିବାରୁ ଫୋରମ୍ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି।

ଜିଲାପାଳଙ୍କ ଅନୁପସ୍ଥିତିରେ ଏ ସମ୍ପର୍କିତ ଦାବିପତ୍ର ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଫୋରମ୍‌ର ସଭାପତି ସୌମେନ୍ଦୁ ଶତପଥୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ଦ୍ୱିବେଦୀ, ଅବିନାଶ ପଟ୍ଟନାୟକ, ବିବେକାନନ୍ଦ ଷଡ଼ଙ୍ଗୀ, ବିନୋଦ ବିହାରୀ ମଲ୍ଲିକ, ବିଭୁନାରାୟଣ ଦ୍ୱିବେଦୀ, ଦେବୀ ପ୍ରସନ୍ନ ପାଣି ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଥିଙ୍କର୍ସ ଫୋରମ୍ ସଦସ୍ୟମାନେ।

# ନିୟନ୍ତ୍ରଣକୁ ଆସୁଛି ମ୍ୟାଲେରିଆ

**ଢେଙ୍କାନାଳ ଅଫିସ, ୨୫ା୪**

- ୨୦୨୩ ମାର୍ଚ୍ଚ ସୁଦ୍ଧା ୧୩ ଆକ୍ରାନ୍ତ ଚିହ୍ନଟ
- ବଣ୍ଟାଯାଇଛି ୪ ଲକ୍ଷରୁ ଊର୍ଦ୍ଧ୍ୱ ମଶାରି

ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନର ଅନବରତ ଉଦ୍ୟମରେ ଢେଙ୍କାନାଳ ଜିଲାରେ ମ୍ୟାଲେରିଆ ନିୟନ୍ତ୍ରଣକୁ ଆସିପାରିଛି। ୨୦୨୨ରେ ଜିଲାରେ ମୋଟ ୨,୦୧,୮୫୪ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିବାବେଳେ ୮୮ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତନ୍ମଧ୍ୟରେ ୫୭ ଜଣ ଜିଲାର ମୂଳବାସିନ୍ଦା ହୋଇଥିବାବେଳେ ୩୧ଜଣ ଥିଲେ ବାହାର ଜିଲାର। ଗତବର୍ଷ ମ୍ୟାଲେରିଆ ମୃତ୍ୟୁ ଶୂନ୍ୟସ୍ତରରେ ରହିଥିଲା। ଅନୁରୂପ ଭାବେ ୨୦୨୩ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ମାତ୍ର ୧୩ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିରୁ ୪ଜଣ ବାହାର ଜିଲାର। ୨୦୨୦-୨୧ ବର୍ଷରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ମଶାରି ବଣ୍ଟାଯାଇଛି। ମ୍ୟାଲେରିଆପ୍ରବଣ ଦୁର୍ଗମ ଅଞ୍ଚଳରେ ନିରାକରଣ କାର୍ଯ୍ୟକ୍ରମ 'ଦମନ' ଜାରି ରହିଛି। ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଉପଲକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଚେତନତା ସଭା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଏହି ସୂଚନା ଦିଆଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ ନିଜ ବକ୍ତବ୍ୟରେ କହିଲେ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମ ଓ ଜନସାଧାରଣଙ୍କ ସହଯୋଗ ରହିଲେ ଢେଙ୍କାନାଳ ମ୍ୟାଲେରିଆମୁକ୍ତ ଜିଲା ହୋଇପାରିବ। ଚଳିତବର୍ଷ ବିଶ୍ୱ ମ୍ୟାଲେରିଆ ଦିବସର ଥିମ୍ ରହିଛି 'ସମୟ ଆସିଛି: ସମ୍ବଳ, ଶ୍ରମ ଓ ଅଭିନବ ପନ୍ଥା ଦ୍ୱାରା ବିଶ୍ୱକୁ ମ୍ୟାଲେରିଆ ମୁକ୍ତ କରିବା। ଜ୍ୱର ହେଲେ ସମୟ ଅପଚୟ ନ କରି ରକ୍ତ ପରୀକ୍ଷା କରିବା, ମଶାରି ବ୍ୟବହାର, ଘର ଆଖପାଖ ଅଞ୍ଚଳକୁ ପରିଷ୍କାର ରଖିବା ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପରାମର୍ଶ ଦେଇଛନ୍ତି। ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଜିଲାରେ ମ୍ୟାଲେରିଆର ସ୍ଥିତି ଓ ନିରାକରଣ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ଆଲୋଚନାରେ ଭାଗନେଇ ବାହାରୁ ସଂକ୍ରମିତ ହୋଇ ଆସୁଥିବା ରୋଗୀଙ୍କ ଠିକ୍ ଭାବେ ପଞ୍ଜୀକରଣ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଜିଲା ଭେକ୍ଟରବାହିତ ରୋଗ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ, ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ଗୁରୁପ୍ରସାଦ ଜେନା, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ହସ୍ପିଟାଲ ମ୍ୟାନେଜର ସୁକାନ୍ତ କୁମାର ଚାନ୍ଦ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅଧିକାରୀ ଡ. ଦୀପକ କର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ବାଜିଚୌକଠାରୁ ଏକ ସଚେତନତା ଶୋଭାଯାତ୍ରା ରଥଗଡ଼ାସ୍ଥିତ କୃଷକ ବଜାର ପର୍ଯ୍ୟନ୍ତ ଯାଇଥିଲା। ସିଡିଏମ୍‌ଓ ଏହାର ଶୁଭାରମ୍ଭ କରିଥିଲେ। ଡାକବାଜି ଯନ୍ତ୍ର, ପ୍ଲାକାର୍ଡ ମାଧ୍ୟମରେ ମ୍ୟାଲେରିଆର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ଏହାପରେ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରରେ ସିଡିଏମ୍‌ଓଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବିଶ୍ୱ ମ୍ୟାଲେରିଆ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା।

## ସଂକ୍ଷେପରେ

### ବଜ୍ରପାତରେ ବୃଦ୍ଧା ମୃତ, ୨ ଗୁରୁତର

ଛେଣ୍ଡିପଦା,୨୫।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଶିମିଳିପାଳ ପଞ୍ଚାୟତର ଘଡ ଗ୍ରାମରେ ମଙ୍ଗଳବାର ବଜ୍ରପାତ ଘଟି ମଲିଆ ପେଣ୍ଡୋଇଙ୍କ ମୃତ୍ୟୁ ହୋଇଛି। ମଧ୍ୟାହ୍ନରେ ମଲିଆ ଗାଧୋଇ ଘରକୁ ଫେରୁଥିବାବେଳେ ବଜ୍ରପାତ ହେବାରୁ ଅଚେତ ହୋଇପଡିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏଥିସହ ଘଟଣାର ତଦନ୍ତ ଚଳାଇଛି। ସେହିପରି ସାପୋଇନାଳୀ ଗ୍ରାମରେ ବଜ୍ରପାତ ଘଟି ବୃଦ୍ଧା ଦ୍ରୌପଦୀ ପୋଢ଼ ଓ ତାଙ୍କ ନାତୁଣୀ ପ୍ରୀତି ପୋଢ଼ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତୁରନ୍ତ ମୃତ ଓ ଗୁରୁତରଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ୮୭ ରୂପାନ୍ତରଣ ବିଦ୍ୟାଳୟ ଲୋକାର୍ପିତ



ଅନୁଗୋଳ ଅଫିସ, ୨୫।୪

ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ଅନୁଗୋଳ ଜିଲାର ରୂପାନ୍ତରିତ ହୋଇଥିବା ୮୭ ବିଦ୍ୟାଳୟକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓକନ୍‌ଫରେନ୍ସ ଯୋଗେ ଲୋକାର୍ପଣ କରିଛନ୍ତି। ଅନୁଗୋଳରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ଛେଣ୍ଡିପଦାସ୍ଥିତ ସେଣ୍ଟେନାରି ଟ୍ରାଇବାଲ ହାଇସ୍କୁଲ ପରଙ୍ଗର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ସୁପ୍ରିୟା ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ। ଭବିଷ୍ୟତରେ ସେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହେବା ପାଇଁ ଇଚ୍ଛା ରଖିଥିବା ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଏହାପରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରିବାକୁ ୫-ଟି ସଚିବଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲାପାଳ ବୈଦୁରା ଦୀପଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଶେଷରେ ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

### କାର୍ଯ୍ୟକ୍ରମ ଦେଖିଲେ ଛାତ୍ରୀଛାତ୍ର

ଆଠମଲ୍ଲିକ, ୨୫।୪ (ଡି.ଏନ.ଏ.)

୫-ଟି ଅଧୀନରେ ରୂପାନ୍ତରଣ ହୋଇଥିବା ଆଠମଲ୍ଲିକ ବ୍ଲକର ୧୨ଟି ହାଇସ୍କୁଲକୁ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ପୁରୁଣା ମାଣତ୍ରୀ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ଭାଗୀରଥି ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ରମାନେ ଏକତ୍ର ହୋଇ ଏହି କାର୍ଯ୍ୟକ୍ରମକୁ ଦେଖିଥିଲେ। ଲୋକାର୍ପିତ ହୋଇଥିବା ବିଦ୍ୟାଳୟକୁ ନେଇ ଛାତ୍ରୀଛାତ୍ରମାନେ ବହୁତ ଖୁସି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀକାନ୍ତ ମାହାର, ରଞ୍ଜନ କୁମାର ସାହୁ, ବିପିନ ବିହାରୀ ସାହୁ, ନବୀନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରଡାକଟା ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତିରାଜ ହାଇସ୍କୁଲ କମ୍ପଲା, ଲୁଣହାଣ୍ଡି ହାଇସ୍କୁଲ, ଗୋପୀନାଥଜୀଉ କଣ୍ଟପଡା ହାଇସ୍କୁଲ, ପଞ୍ଚାୟତିରାଜ ହାଇସ୍କୁଲ କୁଟେଶ୍ୱର, ଜାମୁଡୋଲୀ ହାଇସ୍କୁଲ, ରାଧାକୃଷ୍ଣ ହାଇସ୍କୁଲ (ଟାପଦେଲ), ଗ୍ରାମ ପଞ୍ଚାୟତ ହାଇସ୍କୁଲ (ସାପଘରା), ପଞ୍ଚାୟତିରାଜ ହାଇସ୍କୁଲ ମଇମୁରା, ଆମ୍ବଶରମୁଣ୍ଡା ହାଇସ୍କୁଲ, ନୀଳକଣ୍ଠପଡା ହାଇସ୍କୁଲ ଲୋକାର୍ପିତ ହୋଇଥିଲା।

# ଜାଗା ମିଶନକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ



ଜାଗା ମିଶନ ଉପଦେଷ୍ଟାଙ୍କ ସହ ପୌର ଅଧିକାରୀମାନେ।

ଅନୁଗୋଳ ଅଫିସ, ୨୫।୪

ଅନୁଗୋଳ ପୌରାଞ୍ଚଳ ପରିଦର୍ଶନ କରିଛନ୍ତି ରାଜ୍ୟ ସରକାରଙ୍କ ଜାଗା ମିଶନ ଉପଦେଷ୍ଟା ହରି ଶଙ୍କର ରାଉତ। ଅନୁଗୋଳ ଜିଲା ଗସ୍ତରେ ଆସି ସେ ପ୍ରଥମ ଦିନରେ ଅନୁଗୋଳ ପୌରପାଳିକାର ୱାର୍ଡ ନଂ. ୨୩ ଓ ୧୯ ପରିଦର୍ଶନ କରିଛନ୍ତି। ଏଥିସହ ପୌରପାଳିକା ଅଧୀନରେ ଥିବା ଜାଗା ମିଶନ ବିଷୟରେ ଲୋକମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସହିତ କେତେଜଣ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଯୋଜନା ଯେପରି ଭାବେ ଲୋକଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ଜାଗା ମିଶନ ଉପଦେଷ୍ଟା ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ତେବେ ଅନୁଗୋଳରେ ଜାଗା ମିଶନ କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ସହ ସମସ୍ତ ହିତାଧିକାରୀ ଯେଭଳି ଜାଗା ମିଶନରେ ଅନ୍ତର୍ଭୁକ୍ତ ହେବେ ସେଥିପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି ବୋଲି ସେ କହିଥିଲେ।

# ପାପଡ଼ାହାଣ୍ଡିର ଯୁବତୀ ଭାପୁରରୁ ଉଦ୍ଧାର

ଭାପୁର, ୨୫।୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କୁ ଢେଙ୍କାନାଳ ଜିଲା ଭାପୁର ଅଞ୍ଚଳରୁ ମଙ୍ଗଳବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ଏ ନେଇ ଯୁବତୀଙ୍କ ବାପାଙ୍କ ଅଭିଯୋଗକ୍ରମେ ଥାନାରେ ଅପହରଣ ମାମଲା (ନଂ. ୭୭/୨୩) ରୁଜୁ ହୋଇଥିଲା।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ପାଠ ପଢୁଥିବାବେଳେ ସମ୍ପୃକ୍ତା ଯୁବତୀ ଏବଂ ଭାପୁର ବଣିଆ ସାହି ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ସାବାଳକ ହୋଇଥିବାରୁ ବିବାହ କରିବାକୁ ଯୋଜନା କରିଥିଲେ। ହେଲେ ପରିବାର ଏଥିରେ ବାଧକ ସାଜିବାରୁ ୨ଦିନ ତଳେ ଯୁବତୀ ଜଣକ ସ୍ୱଇଚ୍ଛାରେ ଘର ଛାଡ଼ି ଯୁବକଙ୍କ ଘରକୁ ଚାଲିଆସିଥିଲେ। ତେବେ ତାଙ୍କ ବାପାଙ୍କ ଅଭିଯୋଗକ୍ରମେ ଥାନାରେ ଅପହରଣ ଅଭିଯୋଗ ହୋଇଥିଲା। ତଦନୁଯାୟୀ ପାପଡ଼ାହାଣ୍ଡି ପୋଲିସ ଭାପୁରରେ ପହଞ୍ଚି ଯୁବତୀଙ୍କୁ ସାଙ୍ଗରେ ନେବାକୁ ଉଦ୍ୟମ କରିଥିଲା। ହେଲେ ଏହାକୁ ଗ୍ରାମବାସୀ ଓ ଯୁବକଙ୍କ ପରିବାର ଲୋକେ ବିରୋଧ କରିଥିଲେ। ସଦର ଥାନା ଆଇଆଇସି ପ୍ରଦୀପ କୁମାର ପ୍ରଧାନ ଏବଂ ଭାପୁର ଫାଣ୍ଡି ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀଙ୍କ ହସ୍ତକ୍ଷେପ ପରେ ଉଭୟ ପ୍ରେମୀଯୁଗଳଙ୍କୁ ପାପଡ଼ାହାଣ୍ଡି ପୋଲିସ ହେପାଜତରେ ପଠାଯାଇଛି।

# ଜାଲ୍ ସାର୍ଟିଫିକେଟ୍ ମାମଲା: ଢେଙ୍କାନାଳ ପୋଲିସର ତନାଘନା

ଢେଙ୍କାନାଳ ଅଫିସ, ୨୫।୪

ଜେରକ୍ସ ଦୋକାନରେ କମ୍ପ୍ୟୁଟର ସହାୟତାରେ ପ୍ରସ୍ତୁତ କରାଯାଉଥିଲା ନକଲି ସାର୍ଟିଫିକେଟ। ଟଙ୍କା ଦେଲେ ମିଳିଯାଉଥିଲା ପ୍ରମାଣପତ୍ର। ନା ପରୀକ୍ଷା ଦେବାକୁ ପଡୁଥିଲା ନା କମ୍ ମାର୍କ ଆସିବାର ଭୟ ରହୁଥିଲା। ଆଶାୟୀଙ୍କ ମନ ମୁତାବକ ସାର୍ଟିଫିକେଟରେ ମାର୍କ ଚଢ଼ାଇ ଦିଆଯାଉଥିଲା। ଢେଙ୍କାନାଳରୁ ଜାଲ ସାର୍ଟିଫିକେଟ କେଳେଙ୍କାରୀ ମାମଲାର ଲିଙ୍କ୍ ମିଳିବା ପରେ ଏଭଳି ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏହାପରେ ଏହି କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବା ପାଇଁ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

ଢେଙ୍କାନାଳ ଡାକମଣ୍ଡଳ ଗ୍ରାମାଞ୍ଚଳ ଶାଖାରେ ପୋଷ୍ଟମାଷ୍ଟର ନିଯୁକ୍ତି ଲାଗି କେତେଜଣ ଆଶାୟୀ ଜାଲ୍ ସାର୍ଟିଫିକେଟ୍ ପ୍ରଦାନ କରିଥିବା ସନ୍ଦେହ କରାଯାଉଛି। ଇତିମଧ୍ୟରେ ସୋମବାର ବ୍ରହ୍ମପୁର ପୋଲିସ ଏ ସଂକ୍ରାନ୍ତରେ ଏକ ଆନ୍ତଃରାଜ୍ୟ ରାକେଟର ରହସ୍ୟ ଉନ୍ମୋଚନ କରିଛି। ଏହି ଘଟଣାରେ ଗିରଫ ୪ ଜଣଙ୍କ ମଧ୍ୟରେ ଢେଙ୍କାନାଳ ଟାଉନ ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ (୩୯) ରହିଛନ୍ତି। ତେଣୁ ଢେଙ୍କାନାଳରେ ଜାଲ ସାର୍ଟିଫିକେଟ କାରବାର ସକ୍ରିୟ ଥିବା ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ଢେଙ୍କାନାଳ ସହରରେ ପ୍ରଶାନ୍ତଙ୍କ ଏକ ଜେରକ୍ସ ଦୋକାନ ରହିଛି। ଉକ୍ତ ଦୋକାନରେ କମ୍ପ୍ୟୁଟର ସହାୟତାରେ ସେ ନକଲି ସାର୍ଟିଫିକେଟ୍ ପ୍ରସ୍ତୁତ କରୁଥିଲେ। ଏହା ଜଣାପଡ଼ିବା ପରେ ପୋଲିସ ତାଙ୍କ ଘର ଏବଂ ଦୋକାନରେ ଚଢ଼ାଉ କରି ବହୁ ଆପତ୍ତିଜନକ କାଗଜପତ୍ର, ସାମଗ୍ରୀ ଜବତ କରିଛି। ଏଥିରେ ଓଡ଼ିଶା ସମେତ ରାଜ୍ୟ ବାହାରର ବିଭିନ୍ନ ଶିକ୍ଷାନୁଷ୍ଠାନର ନକଲି ସାର୍ଟିଫିକେଟ୍, ବିଭିନ୍ନ ପ୍ରକାର ଲୋଗୋ, ଅଧିକାରୀଙ୍କ ଷ୍ଟାମ୍ପ, କମ୍ପ୍ୟୁଟର, ହାର୍ଡଡିସ୍କ ଆଦି ରହିଛି। ପ୍ରଶାନ୍ତଙ୍କ ନାମରେ ଏଭଳି ଅଭିଯୋଗ ପ୍ରଥମ ନୁହେଁ। ପୂର୍ବରୁ ମଧ୍ୟ ନକଲି ସାର୍ଟିଫିକେଟ୍ କାରବାରରେ ତାଙ୍କର ସମ୍ପୃକ୍ତି ଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏଭଳି ବେଆଇନ କାରବାରରେ କେବଳ ପ୍ରଶାନ୍ତ ସାମିଲ ଅଛନ୍ତି ନା ତାଙ୍କୁ ଅନ୍ୟ କେହି ସହଯୋଗ କରୁଥିଲେ , ଏହାର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ଏବଂ ଚାକିରି ଆଶାୟୀମାନେ ନକଲି ସାର୍ଟିଫିକେଟ୍ ଦାଖଲ କରିଛନ୍ତି କି ନାହିଁ, ତାହା ଜାଣିବା ପୋଲିସ ପାଇଁ ଚାଲେଞ୍ଜି ପାଲଟିଛି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ପୋଲିସ ସତର୍କତାର ସହ ଆଗକୁ ବଢୁଛି।

ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ବ୍ରହ୍ମପୁରରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସମ୍ପର୍କରେ ଅଦ୍ୟାବଧି କୌଣସି ରିପୋର୍ଟ ଆସିନାହିଁ। ରିପୋର୍ଟ ଆସିବା ପରେ ତଦନୁଯାୟୀ ତଦନ୍ତ କରାଯିବ। କିନ୍ତୁ ପୋଲିସ ପକ୍ଷରୁ ଢେଙ୍କାନାଳରେ ଜାଲ ସାର୍ଟିଫିକେଟ୍ ଲିଙ୍କ୍‌କୁ ନେଇ ଖୋଳତାଡ଼ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ନାଳରୁ ଯୁବକଙ୍କ ମୃତଦେହ ଜବତ

ଛେଣ୍ଡିପଦା,୨୫।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟ୍ଟା ଗ୍ରାମ ତେଲିପୋଲ ନାଳରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୃତ୍ତିବାସପୁର ପଞ୍ଚାୟତ କରଡ଼ାବାହାଲି ଗ୍ରାମର ବିଦ୍ୟାଧର ସାହୁଙ୍କ ପୁଅ ଅମର ସାହୁ(୩୫)। ଅମର ୩ ଦିନ ତଳୁ ନିଖୋଜ ଥିଲେ। ଏ ନେଇ ତାଙ୍କ ପରିବାର ପକ୍ଷରୁ ଠାକୁରଗଡ଼ ଥାନାରେ ନିଖୋଜ ଅଭିଯୋଗ କରାଯାଇଥିଲା। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଅମରଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପରିବାର ପକ୍ଷରୁ ଛେଣ୍ଡିପଦା ଥାନାରେ ଅଭିଯୋଗ କରାଯାଇଛି।

ଘଟଣାରୁ ପ୍ରକାଶ, ଛେଣ୍ଡିପଦା ଥାନା କୁକୁରପେଟା ଗ୍ରାମର ଏକ ବିଭାଘରରେ ଯୋଗଦେବା ପାଇଁ ଅମର ୩ଦିନ ପୂର୍ବରୁ ବନ୍ଧୁ ଘରକୁ ଆସିଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ମୋବାଇଲରେ ଯୋଗାଯୋଗ କରି ନ ପାରିବାରୁ ସନ୍ଦେହ କରି ଖୋଜାଖୋଜି କରିଥିଲେ। ପରେ ଠାକୁରଗଡ଼ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ତେବେ ମଙ୍ଗଳବାର ସକାଳେ ବାଲିପଟ୍ଟା ଗ୍ରାମର କେତେଜଣ ଲୋକ ତେଲିପୋଲ ନାଳ ପାଖରେ ଏକ ମୋଟରସାଇକେଲ ସହ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ପରିବାର ଲୋକେ ଅମରଙ୍କୁ ଚିହ୍ନଟ କରିବା ସହ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଘଟଣାସ୍ଥଳରୁ ମୋଟରସାଇକେଲ ଜବତ କରାଯାଇଥିବା ବେଳେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି।



ମୃତଦେହ ଜବତ ସ୍ଥାନରେ ସ୍ଥାନୀୟ ଲୋକଙ୍କ ଭିଡ଼। (ମୃତ ଯୁବକ-ଇନସେଟ୍)

- ୩ ଦିନ ହେଲା ନିଖୋଜ ଥିଲେ
- ପରିବାର ଆଣିଲେ ହତ୍ୟା ଅଭିଯୋଗ

# ବାଇକ୍‌ରୁ ପଡ଼ି ୨ ଗୁରୁତର

ପରଜଙ୍ଗ, ୨୫।୪(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ୫୩ନଂ. ଜାତୀୟ ରାଜପଥ ଖାଲପାଳ ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ସରାଙ୍ଗ-ପିଡିରି ରାସ୍ତାରେ ମଙ୍ଗଳବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସାଆନ୍ଦା ବାଲିପଶି ଗ୍ରାମର ବାଇକ୍ ଚାଳକ ଏବଂ ତାଙ୍କ ସହଯୋଗୀ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ଉଭୟେ କୌଣସି କାର୍ଯ୍ୟରେ ତାଳଚେର ଯାଇ ଘରକୁ ଫେରିବା ବେଳେ ବାଇକ୍ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଦୁହିଁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଯୁବତୀଙ୍କ ନାମରେ ଫେକ୍ ଆଇଡି, ଯୁବକ ଗିରଫ

ଅନୁଗୋଳ ଅଫିସ, ୨୫।୪

ଏକତରଫା ପ୍ରେମରେ ବିଫଳ ହେବା ପରେ ଜଣେ ଯୁବତୀଙ୍କ ନାମରେ ସାମାଜିକ ଗଣମାଧ୍ୟମରେ ଫେକ୍ ଆକାଉଣ୍ଟ ଖୋଲି ଅଶ୍ଳୀଳ ଫଟୋ ଓ ମେସେଜ୍ ପଠାଉଥିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ଘଟଣା ସମ୍ପର୍କରେ ଗତ ୧୦ ତାରିଖରେ ଅନୁଗୋଳ ସାଇବର ଥାନାରେ ଯୁବତୀ ଜଣକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୫/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ରେଙ୍ଗାଲି ଡ୍ୟାମ ସାଇଟ୍ ଥାନା ଅନ୍ତର୍ଗତ ବଜ୍ରକୋଟ ଗ୍ରାମର ଅଭିଯୁକ୍ତ ସୌମ୍ୟରଞ୍ଜନ ମହାନ୍ତି(୨୯)ଙ୍କୁ ଥାନା ଅଧିକାରୀ ନିରୁପମା ଜେନା ଗିରଫ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କ ମୋବାଇଲ ଜବତ କରିବା ସହ ଯୁବତୀଙ୍କ ନାମରେ ଖୋଲାଯାଇଥିବା ଫେକ୍ ଆକାଉଣ୍ଟକୁ ମଧ୍ୟ ଡିଲିଟ୍ କରିଥିବା ଥାନା ଅଧିକାରୀ କହିଛନ୍ତି। ଥାନା ଅଧିକାରୀ କହିଛନ୍ତି, ସମ୍ପୃକ୍ତା ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିବା ସୌମ୍ୟରଞ୍ଜନ ତାଙ୍କ ବାପାଙ୍କ ମୋବାଇଲ ନମ୍ବରରେ ଫେକ୍ ଆଇଡି ତିଆରି କରିଥିଲେ। ଏଭଳି କି ବାପାଙ୍କ ନମ୍ବରକୁ ଆସିଥିବା ଓଟିପିକୁ ଆଣି ତାଙ୍କ ମୋବାଇଲରେ ଫେକ୍ ଆକାଉଣ୍ଟ ଚଳାଉଥିଲେ। ତାଙ୍କ ନାମରେ ୨ଟି ଅଲଗା ଆକାଉଣ୍ଟ ଖୋଲାଯାଇଥିବା ଜାଣିବା ପରେ ଯୁବତୀ ଜଣକ ଅଡୁଆରେ ପଡ଼ିଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



ସୌମ୍ୟରଞ୍ଜନ ମହାନ୍ତି

# ଆଲୁମିନିୟମ ମଜଦୁର ସଂଘର ଧାରଣା

ବଆଁରପାଳ, ୨୫।୪ (ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ ଆଲୁମିନିୟମ ମଜଦୁର ସଂଘ ପକ୍ଷରୁ ୭ଦଫା ଦାବି ନେଇ ମଙ୍ଗଳବାର ନାଲ୍‌କୋ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରସଙ୍ଗରେ ପୂର୍ବରୁ ସଂଘ ପକ୍ଷରୁ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସଂଘ ପକ୍ଷରୁ ଏହି ଗଣଧାରଣା ଦିଆଯାଇଥିଲା। ସଂଘ ପକ୍ଷରୁ କୁହାଯାଇଛି, ପ୍ଲାଣ୍ଟରେ ଖାଲି ପଡିଥିବା ସ୍ଥାୟୀ କର୍ମଚାରୀ ନିଯୁକ୍ତି ରୁଲ୍ସ ସଂଶୋଧନ, ଡିପିଏସ୍ ଓ ଏସ୍‌ଭିଏମ୍‌ରେ ଶିକ୍ଷକ ନିଯୁକ୍ତି, ନାଲ୍‌କୋ କଲୋନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା, କ୍ୟାଣ୍ଟିନରେ ଅଚଳାବସ୍ଥାର ସମାଧାନ ଆଦି ବିଭିନ୍ନ ଦାବି ନେଇ ଏହି ଧାରଣା ଦିଆଯାଇଥିଲା। ପରେ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିଲା। ଏହି ଅଲୋଚନାରେ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇଡି ଦାୟିତ୍ୱରେ ଥିବା ପି.କେ. ବିଶ୍ୱାସ, ମହାପ୍ରବନ୍ଧକ କେ. ବି. ସ୍ୱାଇଁ, ଏସ୍. ବାସୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ପ୍ରସଙ୍ଗରେ ଆସନ୍ତା ମେ ୨ରେ ଆଲୋଚନା କରିବା ପାଇଁ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହି ଆନ୍ଦୋଳନରେ ସଂଘ ସଭାପତି ମୁନା ସାମଲ, ସଧାରଣ ସମ୍ପାଦକ ବିନୋଦ ସାମଲ, ସୁବାସ ସାହୁ, ଗୋପାଳକୃଷ୍ଣ ମଲ୍ଲିକ, ଦିବ୍ୟଦର୍ଶୀ ଦେବତା, ମାଧବ ସାମଲ, ପ୍ୟାରିମୋହନ ନାୟକ, ନେହେରୁ ସାହୁ, ସାନୁଜ ପ୍ରଧାନ, ଦୁର୍ଯ୍ୟୋଧାନ ବେହେରା, ବିଜୟ ରାଉତ, ତ୍ରିପତି ସାହୁ, ପ୍ରଭୁପାଦ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଆନ୍ଦୋଳନରେ ବସିଥିବା ସଂଘ କର୍ମକର୍ତ୍ତାମାନେ।

# ବ୍ଲକ କୃଷି କାର୍ଯ୍ୟାଳୟରୁ ଚୋରି ଅଭିଯୋଗ

ଅନୁଗୋଳ ଅଫିସ, ୨୫।୪

ଅନୁଗୋଳ ବ୍ଲକ କୃଷି କାର୍ଯ୍ୟାଳୟରୁ ଚୋରି ହୋଇଛି। ଏ ନେଇ ବ୍ଲକ କୃଷି ଅଧିକାରୀ ଚିଠି ନଂ ୩୨/୨୪।୦୪।୨୦୨୩ରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୦୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଅନୁଗୋଳ ବ୍ଲକ କୃଷି କାର୍ଯ୍ୟାଳୟ ମୁଖ୍ୟ କବାଟ ତାଲା ଭଙ୍ଗା ଯାଇ ଗୋଟିଏ କମ୍ପ୍ୟୁଟର ମନିଟର, ସିପିୟୁ, କି ବୋର୍ଡ, ମାଉସ ଆଦି ଚୋରି ହୋଇଥିଲା। ଏଥିସହ କାର୍ଯ୍ୟାଳୟକୁ ଆସିଥିବା ନୂଆ କମ୍ପ୍ୟୁଟର ମନିଟର ଓ ୟୁପିଏସ୍ ଚୋରି ହୋଇଥିଲା। ଏ ନେଇ ବ୍ଲକ କୃଷି ଅଧିକାରୀ ଜିଲା କୃଷି ଅଧିକାରୀ ଓ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଅବଗତ କରିଥିଲେ। ଅଭିଯୋଗ ହେବା ପରେ ଅନୁଗୋଳ ଥାନା ଏସ୍‌ଆଇ ଅମିତ୍ ସାମଲ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଡେପୁଟେଶନରୁ ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଦାବି

ଢେଙ୍କାନାଳ ଅଫିସ, ୨୫।୪

**ଜିଲାପାଳଙ୍କୁ ଭେଟିଲେ ପଞ୍ଚାୟତବାସୀ**

ଡେପୁଟେଶନରେ ଯାଇଥିବା ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଦାବି କରିଛନ୍ତି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ୍ ବେଗା ସରପଞ୍ଚବାସୀ। ସରପଞ୍ଚ ରାହୁଲରାୟ ମହାଲିକଙ୍କ ନେତୃତ୍ୱରେ ଏ ନେଇ ସେମାନେ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।

ଆଦିବାସୀ ଏବଂ ପଛୁଆବର୍ଗ ବହୁଳ ବେଗା ପଞ୍ଚାୟତର ଏକମାତ୍ର ହାଇସ୍କୁଲରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଠାରେ ପିଲାସଂଖ୍ୟା ତୁଳନାରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଏଭଳି ସ୍ଥିତିରେ ବିଜ୍ଞାନ ଶିକ୍ଷକ ବିଜୟ କୁମାର ସାହୁଙ୍କୁ ଜିଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୩୬୬୮ ଅନୁଯାୟୀ ଗତ ୧୨ ତାରିଖରେ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଛି। ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିକ୍ଷକ ନ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ତେଣୁ ସମ୍ପୃକ୍ତ ଶିକ୍ଷକଙ୍କୁ ଡେପୁଟେଶନରୁ ଫେରାଇ ଆସିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ନଚେତ୍ ସେମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଅହୋରାତ୍ର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କୁ ଭେଟିବା ବେଳେ ପ୍ରବୀର ରାଉତ, ସମୀର ସାହୁ, ତ୍ରିନାଥ ବେହେରା, ସନ୍ତୋଷ ସାହୁ, ଶରତ ସାହୁ, ସୁଲଭ ନୟକ, ଇଂ. ବାବୁଚାନ୍ଦ ମହାଲିକ, ନୀରୋଜ ନଳିନୀ ମହାଲିକଙ୍କ ସମେତ ପଞ୍ଚାୟତର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ବେଗା ପଞ୍ଚାୟତବାସୀ।

